# NATIONAL NEWS BULLETIN (ODIA)

## 06th September' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଅନିଶ୍ଚିତତା ମଧ୍ୟରେ ଭାରତ ଜି.ଡି.ପି. ବୃଦ୍ଧି ଦେଶର ଆର୍ଥିକ ସୁଦୃଢ଼ୀକରଣକୁ ଦର୍ଶାଉଛି; କହିଲେ ପ୍ରଧାନମନ୍ତ୍ରୀ ।

- ସୁପ୍ରିମ୍‌କୋର୍ଟ କଲେଜିୟମ୍‌ର ସୁପାରିସ ପରେ ନିଯୁକ୍ତ ହେଲେ ୮ଟି ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି ।

- ୟୁକ୍ରେନ୍ ଉପରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଆକ୍ରମଣ ନ କରିବାକୁ ରୁଷ୍‌ର୍ ନିଷ୍ପତ୍ତି ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟିରେ ପାକିସ୍ତାନକୁ ୭ ୱିକେଟ୍ ପରାସ୍ତ କଲା ଭାରତ ।

# ପି.ଏମ୍. - ଏସ୍.ଆର୍.ସି.ସି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିଶ୍ୱ ଅନିଶ୍ଚିତା ମଧ୍ୟରେ ଭାରତର ଜି.ଡି.ପି. ୭ ଦଶମିକ ୮ ପ୍ରତିଶତ ବୃଦ୍ଧି ଦେଶର ଆର୍ଥିକ ଦୃଢ଼ତା ପ୍ରଦର୍ଶନ କରୁଛି । ଶ୍ରୀ ମୋଦି କହିଛନ୍ତି, ଭାରତ ନୀତିଗତ ସକ୍ରିୟତା ଯୋଗୁଁ ଦୀର୍ଘକାଳୀନ ଆର୍ଥିକ ବିକାଶ ଦର ବଜାୟ ରଖିବାରେ ସଫଳ ହୋଇଛି । ଗତକାଲି ନୂଆଦିଲ୍ଲୀର ଶ୍ରୀରାମ କଲେଜ ଅଫ୍ କମର୍ସର ଶତାବ୍ଦୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବିଶ୍ୱର ସବୁଠାରୁ ଦ୍ରୁତଗତିଶୀଳ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି । ଅତୀତର ବିଭିନ୍ନ ପ୍ରତିବନ୍ଧକ ଏବଂ ବର୍ତ୍ତମାନ ସମୟର ଉପଲବ୍ଧିଗୁଡ଼ିକୁ ତୁଳନା କଲେ ଭାରତ ଆତଙ୍କବାଦକୁ ପରାସ୍ତ କରିବା, ସୁରକ୍ଷା ବଳର ଆତ୍ମବିଶ୍ୱାସ ବୃଦ୍ଧି ଭଳି କ୍ଷେତ୍ରରେ ବିଜୟ ଲାଭ କରି ପୂର୍ବୋତ୍ତର ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ କରିବାରେ ସଫଳ ହୋଇଛି ।

***Voice (PM - Economy SRCC)*** :.........

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଗତ ଅପ୍ରେଲ୍‌ରୁ ଜୁନ୍ ମାସ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ୯ ପ୍ରତିଶତ ବୃଦ୍ଧି ପାଇଛି । ସେହି ସମୟ ମଧ୍ୟରେ ଯାନବାହନ ବିକ୍ରି ପରିମାଣ ୨୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ତିନିଚକିଆ ଯାନ ବିକ୍ରି ୩୦ ପ୍ରତିଶତ ବୃଦ୍ଧି ଘଟିଛି । ଷ୍ଟିଲ୍ ଏବଂ ସିମେଣ୍ଟ୍ କ୍ଷେତ୍ରରେ ମଧ୍ୟ ୮ ପ୍ରତିଶତ ବିକ୍ରି ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି,

ସ୍ମାର୍ଟ ଫୋନ୍ ରପ୍ତାନୀ ଅଢ଼େଇ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବାବେଳେ ଘରୋଇ ପ୍ରତିରକ୍ଷା ଉତ୍ପାଦନ ୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀରାମ କଲେଜ ଅଫ୍ କମର୍ସ ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀମାନଙ୍କପାଇଁ ଶିକ୍ଷାର ସୁଯୋଗ ସୃଷଶ୍ଟି କରିବା ସହ ସେମାନଙ୍କ ବିକାଶ କ୍ଷେତ୍ରରେ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ଶୈକ୍ଷିକ ଶ୍ରେଷ୍ଠତା ଯୋଗୁଁ ଏହି କଲେଜ ଏକ ପ୍ରମୁଖ ମହାବିଦ୍ୟାଳୟ ଭାବେ ନିଜର ବିଶ୍ୱସନୀୟତା ସୃଷ୍ଟି କରିପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସେହି କଲେଜର ଛାତ୍ର ଥିଲେ ।

***Voice (PM - SRCC)*** *:.........*

## ଏଚ୍.ସି. ଆପଏଣ୍ଟମେଣ୍ଟ

ସୁପ୍ରିମ୍‌କୋର୍ଟ କଲେଜିୟମ୍‌ଦ୍ୱାରା ସୁପାରିସ ପରେ ୮ଟି ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ କହିଛନ୍ତି, ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭଲ୍ଲୁରି କାମେଶ୍ୱର ରାଓଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ଦିଆଯାଇଥିବାବେଳେ ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରବୀନ୍ଦ୍ର ଭି. ଭୁଗେଙ୍କୁ କଲକତା ଉଚ୍ଚ ନ୍ୟାୟାଳୟର ମୁଖ୍ୟ

ବିଚାରପତି ନିଯୁକ୍ତ କରାଯାଇଛି । ସେହିପରି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କୁ ଛତିଶଗଡ଼ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ଗୁଜରାଟ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଅଲ୍‌ପେଶ ଯଶଓ୍ୱନ୍ତ କୋଗଜେଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି । ରାଜସ୍ଥାନ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ପୁଷ୍ପେନ୍ଦ୍ର ସିଂହ ଭଟ୍ଟିଙ୍କୁ ଜମ୍ମୁ-କାଶ୍ମୀର ଓ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଥିବାବେଳେ ବିଚାରପତି ଅଶ୍ୱିନୀ କୁମାର ମିଶ୍ରଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ, ଜଷ୍ଟିସ୍ ସଞ୍ଜୀୟ କୁମାର ଅଗ୍ରଓ୍ୱାଲ୍‌ଙ୍କୁ ରାଜସ୍ଥାନ ହାଇକୋର୍ଟ ଏବଂ ଜଷ୍ଟିସ୍ ମହେଶ ଚନ୍ଦ୍ର ତ୍ରିପାଠୀଙ୍କୁ ବମ୍ବେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଛି ।

## ୟୁ.ଏସ୍.-ରୁଷ୍-ୟୁକ୍ରେନ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍’ ଆମେରିକା ରାଷ୍ଟ୍ରଦୂତ ଷ୍ଟିଭ୍ ଓ୍ୱିଟ୍‌କଫ୍ ଏବଂ ଜାରେଡ୍ କୁଶ୍‌ନର୍‌ଙ୍କ ସହ ଗତକାଲି କ୍ରେମ୍‌ଲିନ୍‌ରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ଅନୁଷ୍ଠିତ ଆଲୋଚନାରେ ଆମେରିକୀୟ ରାଷ୍ଟ୍ରଦୂତ ରୁଷ୍-ୟୁକ୍ରେନ୍ ମଧ୍ୟରେ ଜାରି ରହିଥିବା ବିବାଦର ଅବସାନ ଲାଗି ବିଭିନ୍ନ ପ୍ରସ୍ତାବ ଉପରେ ଉପସ୍ଥାପନ କରିଥିଲେ । କଥାବାର୍ତ୍ତା

ସମୟରେ ରୁଷ୍ ରାଷ୍ଟ୍ରପତି ଆସନ୍ତା ୩ ଦିନ ପର୍ଯ୍ୟନ୍ତ କିଭ୍ ଉପରେ ଆକ୍ରମଣ ନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି, ସୋମବାର ପର୍ଯ୍ୟନ୍ତ ମସ୍କୋ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ । ସୂଚନା ଅନୁଯାୟୀ, ଶାନ୍ତି ସ୍ଥାପନ ପ୍ରକ୍ରିୟାର ଅଂଶସ୍ୱରୂପ ଆଜି ଆମେରିକୀୟ ରାଷ୍ଟ୍ରଦୂତ କିଭ୍ ଅଞ୍ଚଳ ଗସ୍ତ କରିବେ । ଆଲୋଚନା ପରେ ରାଷ୍ଟପତି ଶ୍ରୀ ପୁତିନ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୟୁ.ଏସ୍.-ଇରାନ୍ ଷ୍ଟ୍ରାଇକ୍

ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କପର୍ସ୍-ଆଇ.ଆର୍.ଜି.ସି. ପକ୍ଷରୁ ୩ଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରାଯାଇଛି । ସମ୍ପୃକ୍ତ ତୈଳ ଟ୍ୟାଙ୍କରଗୁଡ଼ିକ ହର୍ମୁଜ ପ୍ରଣାଳୀର ପ୍ରତିବନ୍ଧିତ ମାର୍ଗ ଦେଇ ଯାତ୍ରା କରୁଥିବାବେଳେ ଇରାନ୍ ଆକ୍ରମଣ କରିଛି । ସେହି ଜାହାଜଗୁଡ଼ିକ ଆମେରିକୀୟ କମ୍ପାନୀଗୁଡ଼ିକର ହୋଇଥିବା ଜଣାପଡ଼ିଛି । ପୂର୍ବରୁ ଆମେରିକା ଇରାନ୍‌ର ୩ଟି ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣ ଜବାବରେ ଇରାନ୍ ଏହି ଆକ୍ରମଣ କରିଥିବା କୁହାଯାଇଛି । ଆମେରିକା ସେନା ପକ୍ଷରୁ ଇରାନ୍ ଆକ୍ରମଣକୁ ପ୍ରତିହତ କରିବା ଲାଗି କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିବାବେଳେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଏହି ଘଟଣାକୁ

ତୀବ୍ର ନିନ୍ଦା କରିଛନ୍ତି । ଦେଶର ସୁରକ୍ଷାପାଇଁ ଇରାନ୍ ପକ୍ଷରୁ କଡ଼ା ଜବାବ ଦିଆଯିବ ବୋଲି ସେ କହିଛନ୍ତି ।

## ପ୍ରେଜ୍ - ଗଭର୍ଣ୍ଣର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡକ୍ଟର ଦୀନେଶ ଶର୍ମାଙ୍କୁ ଆଣ୍ଡାମାନ ନିକୋବର ଦ୍ୱୀପର ଉପରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅବସରପ୍ରାପ୍ତ ଆଡ୍‌ମିରାଲ୍ ଦେବେନ୍ଦ୍ର କୁମାର ଯୋଶୀଙ୍କ ସ୍ଥାନରେ ଡକ୍ଟର ଶର୍ମା ଉପରାଜ୍ୟପାଳ ଦାୟିତ୍ୱ ତୁଲାଇବେ । ଆଡ୍‌ମିରାଲ୍ ଦେବେନ୍ଦ୍ର କୁମାର ଯୋଶୀ ୨୦୧୭ ଅକ୍ଟୋବରଠାରୁ ଉପରାଜ୍ୟପାଳ ଦାୟିତ୍ୱରେ ଅଛନ୍ତି । ଆସନ୍ତା ନଭେମ୍ବର ମାସ ୨୪ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେଉଛି । ନବନିଯୁକ୍ତ ଉପରାଜ୍ୟପାଳ ଡକ୍ଟର ଦୀନେଶ ଶର୍ମା ବର୍ତ୍ତମାନ ଉତ୍ତର ପ୍ରଦେଶରୁ ରାଜ୍ୟସଭା ସାଂସଦ ଅଛନ୍ତି ।

## ଭି.ପି. - ଏନ୍.ଇ. ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜିଠାରୁ ଚାରିଦିନିଆ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଗସ୍ତରେ ଯିବେ । ଆସାମ, ମେଘାଳୟ, ମଣିପୁର ଏବଂ ଅରୁଣାଚଳ ପ୍ରଦେଶକୁ ଉପରାଷ୍ଟ୍ରପତି ଗସ୍ତ କରିବେ । ଗସ୍ତ ଅବସରରେ ବିଭିନ୍ନ ଶୈକ୍ଷିକ, ସାଂସ୍କୃତିକ ଏବଂ ସାର୍ବଜନୀନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆଜି ଗସ୍ତର ପ୍ରଥମ ଦିନରେ ଉପରାଷ୍ଟ୍ରପତି ଆସାମର ଗୁଆହାଟୀସ୍ଥିତ ଗୀତାନଗର ମହାବିଦ୍ୟାଳୟ ଅର୍ଥାତ୍ କନ୍ୟା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ । ଏହାପରେ ଗୁଆହାଟୀସ୍ଥିତ ସ୍ୱାସ୍ଥ୍ୟବିଜ୍ଞାନ ଶ୍ରୀମନ୍ତ ଶଙ୍କରଦେବ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଅମିତ ଶାହା - ଗୋଆ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତିନିଦିନିଆ ଗସ୍ତରେ ଯାଇ ଗତରାତିରେ ଗୋଆରେ ପହଞ୍ଚିଛନ୍ତି । ଶ୍ରୀ ଶାହା ଅଷ୍ଟବିଂଶ ପଶ୍ଚିମାଞ୍ଚଳ ଜୋନାଲ୍ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ । ପରେ ଶ୍ରୀ ଶାହା ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ସହ ରାଜ୍ୟ ବି.ଜେ.ପି.ର ନୂଆ କାର୍ଯ୍ୟାଳୟକୁ ଉଦ୍‌ଘାଟନ

କରିବେ । ଆଜି ଶ୍ରୀ ଶାହା ଗୋଆ ସମ୍ପର୍କିତ କେତେକ ପ୍ରମୁଖ ପ୍ରସଙ୍ଗ ଉପରେ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟ ବି.ଜେ.ପି. କାର୍ଯ୍ୟକାରିଣୀର ସଦସ୍ୟମାନଙ୍କ ସହ ମଧ୍ୟ ସେ ବୈଠକ କରିବେ । ଆସନ୍ତାକାଲି ଶ୍ରୀ ଶାହା ଗୋଆ ପୁଲିସ୍‌କୁ ରାଷ୍ଟ୍ରପତିଙ୍କ ସମ୍ମାନ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ଆଇ-ବ୍ରିକ୍ସ ସମ୍ମିଟ୍

ଆଇ-ବ୍ରିକ୍ସ ଶିଖର ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ୫ ଶହରୁ ଅଧିକ ନିବେଶକ, ଅର୍ଥମନ୍ତ୍ରୀ ଏବଂ ବ୍ୟାବସାୟିକ ନେତୃତ୍ୱ ଯୋଗଦେବେ । ନୂଆଦିଲ୍ଲୀରେ ଚଳିତ ମାସ ୧୨ ଓ ୧୩ ତାରିଖରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ଅଧୀନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦୁଇଦିନିଆ ସମ୍ମିଳନୀରେ ୨୧ଟି ବ୍ରିକ୍ସ ସଦସ୍ୟ ଏବଂ ଅଂଶୀଦାର ଦେଶଗୁଡ଼ିକ ଭିତ୍ତିଭୂମି ନିର୍ମାଣ, ଶକ୍ତି ଏବଂ ଡିଜିଟାଲ୍ ସାମର୍ଥ୍ୟ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ବିଚାର ବିମର୍ଶ କରିବେ ।

# ଛତିଶଗଡ଼ - ଏନ୍.ଆଇ.ଏ.

ଛତିଶଗଡ଼ରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏ.ର ଜଗଦଲପୁରସ୍ଥିତ ସ୍ୱତନ୍ତ୍ର କୋର୍ଟ ଝିରାମ୍ ଭାଲି ମାଓ ଆକ୍ରମଣ ଘଟଣାରେ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କ ବିଚାର ଚାଲିଥିବାବେଳେ ଜଣେ ଅଭିଯୁକ୍ତଙ୍କ ପୂର୍ବରୁ ଜେଲ୍‌ରେ ମୃତ୍ୟୁ ହୋଇସାରିଛି । ମାମଲାର ବିଚାର କରି ନ୍ୟାୟାଳୟ ୨ ଜଣ ମହିଳାଙ୍କ ସମେତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତମାନଙ୍କୁ ୨୯ ଜଣ ଲୋକଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ଅନ୍ୟ ୧୫ ଜଣଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବାନେଇ ଦୋଷାରୋପ କରାଯାଇଛି । ଆସନ୍ତାମାସ ୧୬ ତାରିଖରେ ଏନ୍.ଆଇ.ଏ. କୋର୍ଟ ଦଣ୍ଡ ଘୋଷଣା କରିବେ ।

୨୦୧୩ ମଇ ମାସରେ ଝିରାମ ଭାଲିରେ ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ଶୋଭାଯାତ୍ରା ଉପରେ ଆକ୍ରମଣ କରି ୨୯ ଜଣଙ୍କୁ ହତ୍ୟା କରିଥିଲେ । ଏଥିରେ ୧୫ରୁ ଅଧିକ ଲୋକ ଆହତ ହୋଇଥିଲେ ।

# ୱିମେନ୍ସ କ୍ରିକେଟ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି ଶୃଙ୍ଖଳାରେ ଗତକାଲି ଦୁବାଇରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୮ ଓଭର୍ ଗୋଟିଏ ବେଲ୍‌ରେ ସମସ୍ତ ୱିକେଟ୍ ହରାଇ ୫୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ଏହା ସବୁଠାରୁ କମ୍ ରନ୍ ଥିଲା । ଜବାବରେ ଭାରତ ୮ ଓଭର୍ ୪ଟି ବଲ୍‌ରେ ୩ଟି ୱିକେଟ୍ ହରାଇ ୫୭ ରନ୍ ସ୍କୋର୍ କରିଥିଲା । ଭାରତ ପକ୍ଷରୁ ଶ୍ରୀଚରଣୀ ଏବଂ ପ୍ରେମ୍ ରାୱତ୍ ୩ଟି ଲେଖାଏଁ ୱିକେଟ୍ ନେଇଥିବାବେଳେ ଦୀପ୍ତି ଶର୍ମା ୨ଟି ୱିକେଟ୍ ନେଇଥିଲେ । ଏପର୍ଯ୍ୟନ୍ତ ପାକିସ୍ତାନ ବିରୋଧରେ ୮ଟି ଟି-ଟ୍ୱେଣ୍ଟି ଏସିଆ କପ୍ ମ୍ୟାଚ୍ ମଧ୍ୟରୁ ଭାରତ ୭ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛି ।

*****